# କଟକ ସ୍ୱତନ୍ତ୍ର ବିଦ୍ୟୁତ ଥାନା, ଯୋବ୍ରା, କଟକ

## (ବୃହତ ବନ୍ଦୋବସ୍ତ କାର୍ଯ୍ୟାଳୟ)

## ନିଲାମ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି କି, ବିଗତ ଦିନରେ କଟକ ସ୍ୱତନ୍ତ୍ର ବିଦ୍ୟୁତ ଥାନା ଦ୍ୱାରା ୨୦୦୭ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ବିଭିନ୍ନ ମକଦ୍ଦମାରେ ଜବତ ହୋଇଥିବା ଆଲୁମିନିୟମ ତାର, ତମ୍ବା ତାର, ବୈଦ୍ୟୁତିକ ଉପକରଣ ଗୁଡିକ ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ତା ୨୦.୦୧.୨୦୨୩, ସମୟ ଦିବା ୧୧ ଘଟିକାରେ ବୃହତ ବନ୍ଦୋବସ୍ତ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସ୍ୱତନ୍ତ୍ର ବିଦ୍ୟୁତ ଥାନା ପ୍ରାଙ୍ଗଣରେ ସର୍ବ ସମ୍ମୁଖରେ ନିଲାମ କରାଯିବ। ଏହି ବୈଦ୍ୟୁତିକ ଉପକରଣ ଗୁଡିକର ମୂଲ୍ୟ ଟ. ୩୯,୫୧୩/- ଙ୍କା କମିଟି ଦ୍ୱାରା ଧାର୍ଯ୍ୟ କରାଯାଇଅଛି। ଏଥିପାଇଁ ସର୍ବସାଧାରଣଙ୍କୁ ନିଲାମ ପକ୍ରିୟାରେ ଭାଗନେବା ପାଇଁ ଅବଗତ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀମାନେ ତା ୨୦.୦୧.୨୦୨୩ ଦିନ ସିଧା ସଳଖ ନିଲାମ ପକ୍ରିୟାରେ ଭାଗନେଇ ପାରିବେ । ଇଚ୍ଛୁକ ପ୍ରାର୍ଥୀମାନେ ମଧ୍ୟ ନିଲାମ ହେବାକୁ ଥିବା ଜିନିଷକୁ ନିଲାମ ପୂର୍ବରୁ ଉକ୍ତ ଥାନା ପରିସରରେ ଦେଖିପାରିବେ। ଯିଏ ସର୍ବାଧିକ ନିଲାମ ଡାକିବେ ତାଙ୍କୁ ସଙ୍ଗେ ସଙ୍ଗେ ନିଲାମ ଟଙ୍କାର ୨୫ % ନଗତ ଟଙ୍କା ଆକାରରେ ଦାଖଲ ଦେବାକୁ ପଡିବ ଏବଂ ବାକି ୭୫ % ଟଙ୍କା ୭ (ସାତ) ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ। ନଚେତ ପରବର୍ତ୍ତୀ ସର୍ବୋଚ୍ଚ ନିଲାମଧାରୀଙ୍କୁ ଉକ୍ତ ପ୍ରକ୍ରିୟା ଅନୁସାର ଅଗ୍ରାଧିକାର ଦିଆଯିବ। ଏହି ନିଲାମ ପ୍ରକ୍ରିୟା ଗଠନ କରାଯାଇଥିବା କମିଟିର ଅଧିକାରୀ ଶ୍ରୀ ଚନ୍ଦନ ଘଡାଇ, ଓପିଏସ, ଏସିପି, ଜୋନ-୪ ଙ୍କ ଅଧ୍ୟକ୍ଷତାରେ, ଆଇଆଇସି, ସ୍ୱତନ୍ତ୍ର ବିଦ୍ୟୁତ ଥାନା ଓ ଶ୍ରୀ ବିଶ୍ୱନାଥ ସ୍ୱାଇଁ, Asst. Manager (Finance) TPCODLଙ୍କ ଉପସ୍ଥିତିରେ ସମ୍ପାଦନ କରାଯିବ। ଆବଶ୍ୟକ ସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେକୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ। ନିଲାମ ପ୍ରକ୍ରିୟା ସମାପ୍ତ ହେଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ପିନାକ ମିଶ୍ର
୪/୦୧/୨୦୨୩

(ପିନାକ ମିଶ୍ର, ଭା.ପୁ.ସେ)

ଆରକ୍ଷୀ ଉପ ଆୟୁକ୍ତ, କଟକ

Dy. Commissioner of Police
Cuttack